# NATIONAL NEWS BULLETIN (ODIA)

## 12 February-2025

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ସ୍ଥିର ନୀତି ଓ ଅର୍ଥନୈତିକ ସଂସ୍କାର ଯୋଗୁଁ ବିଶ୍ୱନିବେଶ କେନ୍ଦ୍ର ଭାବେ ଭାରତ ପ୍ରତି ବୃଦ୍ଧି ପାଉଛି ଆକର୍ଷଣ, କହିଲେ ପ୍ରଧାନମନ୍ତ୍ରୀ ।
- ରାଜ୍ୟସଭାରେ କେନ୍ଦ୍ରୀୟ ବଜେଟ୍ ଉପରେ ଜାରି ରହିଛି ଆଲୋଚନା ।

– ସନ୍ଥ ରବି ଦାଶ ଜୟନ୍ତୀ ପାଳନ ଅବସରରେ ଆଜି ବସିବ ନାହିଁ ସଂସଦ ବୈଠକ ।

- ଧାନ ଅମଳ ପରେ ଅବଶିଷ୍ଟାଂଶର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ ନେଇ ସଂସଦୀୟ କମିଟିର ସୁପାରିଶ ।
- ପ୍ରୟାଗରାଜ ମହାକୁମ୍ଭ ମେଳାରେ ଚାଲିଛି ମାଘପୂର୍ଣ୍ଣିମା ସ୍ନାନ ।

ଏବଂ

- ଭାରତ-ଇଂଲଣ୍ଡ ଚଳିତ ଶିରିଜ୍‌ର ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍ ଆଜି ଅହମ୍ମଦାବାଦ ଠାରେ ଖେଳାଯିବ ।

# ପିଏମ୍-ଇଣ୍ଡୋ-ଫ୍ରେଞ୍ଚ ସିଇଓ ଫୋରମ୍

ସ୍ଥିର ନୀତି ଏବଂ ଅର୍ଥନୈତିକ ସଂସ୍କାର ଯୋଗୁଁ ବିଶ୍ୱନିବେଶ କେନ୍ଦ୍ର ଭାବେ ଭାରତ ପ୍ରତି ଆକର୍ଷଣ ବୃଦ୍ଧି ପାଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନଙ୍କ ସହ ଗତ ସନ୍ଧ୍ୟାରେ ପ୍ୟାରିସ୍ ଠାରେ  ଚତୁର୍ଦ୍ଦଶ ଭାରତ-ଫ୍ରାନ୍ସ ମୁଖ୍ୟ କାର୍ଯ୍ୟନିର୍ବାହୀ ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ମୋଦୀ ଏହା କହିଛନ୍ତି ।

ବ୍ୟାବସାୟିକ ସମ୍ପର୍କକୁ ସୁଦୃଢ଼ କରିବା ଏବଂ ଅଭିନବତାକୁ ପ୍ରୋତ୍ସାହନ ପ୍ରଦାନ କରିବାରେ ସରକାରଙ୍କ ପ୍ରତିବଦ୍ଧତା ଉପରେ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ । ପ୍ରତିରକ୍ଷା, ମହାକାଶ କ୍ଷେତ୍ର, କୃତ୍ରିମ ବୁଦ୍ଧିମତା, ଭିତ୍ତିଭୂମି ଓ ନିରନ୍ତର ବିକାଶ ଭଳି ପ୍ରମୁଖ କ୍ଷେତ୍ର ଗୁଡ଼ିକ ଉପରେ ଏହି ସମ୍ମିଳନୀରେ ପ୍ରାଧାନ୍ୟ ଦିଆଯାଇଛି । ବୀମା କ୍ଷେତ୍ରକୁ ଶତପ୍ରତିଶତ ବିଦେଶୀ ପୁଞ୍ଜିନିବେଶ ପାଇଁ ଉନ୍ମୁକ୍ତ କରିବା, ବେସାମରିକ ଆଣବିକ ଶକ୍ତି କ୍ଷେତ୍ରରେ ଘରୋଇ ସଂସ୍ଥାକୁ ଅନୁମତି ପ୍ରଦାନ କରିବା ଏବଂ ବ୍ୟବସାୟକୁ ଅଧିକ ସରଳ କରିବା ଲକ୍ଷ୍ୟରେ ଟିକସ ଢାଞ୍ଚାରେ ସଂସ୍କାର ଉପରେ  ଗ୍ରହଣ କରାଯାଇଥିବା ପଦକ୍ଷେପ ଗୁଡ଼ିକ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଆଲୋଚନା କରିଛନ୍ତି । ଭାରତର ପ୍ରତିରକ୍ଷା, ଶକ୍ତି, ବିମାନ ଚଳାଚଳ, ମହାକାଶ, ଫିନ୍‌ଟେକ୍ ଏବଂ ସ୍ୱାସ୍ଥ୍ୟସେବା ଭଳି କ୍ଷେତ୍ରରେ ପୁଞ୍ଜିନିବେଶର

ନୂତନ ମାର୍ଗ ଉନ୍ମୁକ୍ତ କରିବାକୁ ପ୍ରଧାନମନ୍ତ୍ରୀ ଫ୍ରାନ୍ସର କମ୍ପାନି ଗୁଡ଼ିକୁ ଆହ୍ୱାନ ଦେଇଛନ୍ତି ।

ଏହି ସମ୍ମିଳନୀକୁ ସମ୍ବୋଧନ କରି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କୃତ୍ରିମ ବୁଦ୍ଧିମତା ଏବଂ ନବସୃଜନ ପାଇଁ ଏକ ବିଶ୍ୱସ୍ତରୀୟ ଓ ଅନ୍ତର୍ଭୁକ୍ତି ଆଭିମୁଖ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ବିଭିନ୍ନ କ୍ଷେତ୍ରରେ ଭାରତ-ଫ୍ରାନ୍ସ ଏବଂ ଭାରତ-ୟୁରୋପୀୟ ସଂଘ ଭାଗିଦାରିତାକୁ ସୁଦୃଢ଼ କରିବା ସହିତ ସହାୟକ ଯୋଗାଣ ଶୃଙ୍ଖଳ ପ୍ରସ୍ତୁତି ଉପରେ ଡକ୍ଟର ଜୟଶଙ୍କର ଆଲୋକପାତ କରିଥିଲେ ।

ଆମ ପ୍ରତିନିଧି ଦେଇଥିବା ସୂଚନା ଅନୁଯାୟୀ ଏହି ସମ୍ମିଳନୀ ଭାରତ ଏବଂ ଫ୍ରାନ୍ସ ମଧ୍ୟରେ ଦୃଢ଼ ଅର୍ଥନୈତିକ ଭାଗିଦାରୀକୁ ପ୍ରତିପାଦନ କରିଛି । ବ୍ୟବସାୟ, ବୈଷୟିକ ଜ୍ଞାନକୌଶଳ ଏବଂ ସ୍ଥାୟୀ ବିକାଶ କ୍ଷେତ୍ରରେ ସୁଦୃଢ଼ ସହଯୋଗର ମାର୍ଗ ପ୍ରସ୍ତୁତ କରିଛି ।

## ପିଏମ୍-ଏସ୍ତୋନିଆ ପ୍ରେଜ୍

ପ୍ୟାରିସ୍ ଠାରେ ଅନୁଷ୍ଠିତ କୃତ୍ରିମ ବୁଦ୍ଧିମତା ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ଏସ୍ତୋନିଆର ରାଷ୍ଟ୍ରପତି ଆଲାର୍ କାରିସ୍ଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଦୁଇ ନେତାଙ୍କ ମଧ୍ୟରେ ଏହା ଥିଲା ପ୍ରଥମ ସାକ୍ଷାତ । ଗଣତନ୍ତ୍ର, ସ୍ୱଚ୍ଛ ଶାସନ,

ସ୍ୱାଧୀନ ଚିନ୍ତାଧାରା ଏବଂ ମୂଲ୍ୟବୋଧ ଆଧାରରେ ରହିଥିବା ଦ୍ୱିପାକ୍ଷିକ ସମ୍ପର୍କ ଉପରେ ଦୁଇ ନେତା ମତବିନିମୟ କରିଥିଲେ । ବାଣିଜ୍ୟ, ପୁଞ୍ଜିନିବେଶ ଏବଂ ପ୍ରଯୁକ୍ତି ବିଦ୍ୟା ସମେତ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ଉଭୟ ନେତା ସନ୍ତୋଷ ବ୍ୟକ୍ତ କରିଥିଲେ । ଆଲୋଚନାରେ ଦ୍ୱିପାକ୍ଷିକ ସାଇବର ନିରାପତ୍ତା କ୍ଷେତ୍ରରେ ସହଯୋଗ ନେଇ ଆଲୋଚନା ହୋଇଛି । ଭାରତରେ ରହିଥିବା ସୁଯୋଗର ସଦୁପଯୋଗ ନେଇ ପ୍ରଧାନମନ୍ତ୍ରୀ ଏସ୍ତୋନିଆ ସରକାର ଏବଂ ସେଠାକାର ପୁଞ୍ଜିନିବେଶକାରୀଙ୍କୁ ଆମନ୍ତ୍ରଣ କରିଛନ୍ତି । ମିଳିତ ଜାତିସଂଘରେ ପାରସ୍ପରିକ ସ୍ୱାର୍ଥ ଏବଂ ଆଞ୍ଚଳିକ ଓ ଦ୍ୱିପାକ୍ଷିକ ସ୍ୱାର୍ଥ ସମ୍ବଳିତ ବୈଶ୍ୱିକ ପ୍ରସଙ୍ଗ ଉପରେ ଉଭୟ ନେତା ବୈଠକରେ ମତବିନିମୟ କରିଥିବା ଜଣାପଡ଼ିଛି ।

## ଆର୍‌ଏସ୍‌-ବଜେଟ୍ ଡିସ୍‌କସନ୍

ରାଜ୍ୟସଭାରେ କେନ୍ଦ୍ରୀୟ ବଜେଟ୍ ସଂକ୍ରାନ୍ତ ଆଲୋଚନା ଗତକାଲି ଠାରୁ ଜାରି ରହିଛି । ବିଭିନ୍ନ ଦଳର ସଦସ୍ୟ ଏଥିରେ ଅଂଶଗ୍ରହଣ କରି ସେମାନଙ୍କର ମତ ଉପସ୍ଥାପନ କରିଛନ୍ତି । ବିଜେପିର ଭାଗବତ କରାଡ଼ କହିଛନ୍ତି, ସରକାରଙ୍କ ସକ୍ରିୟ ପଦକ୍ଷେପ ଯୋଗୁଁ ବିତ୍ତିୟ ନିଅଣ୍ଟ ଦଶମିକ୍ ୪ ପ୍ରତିଶତ ହ୍ରାସ ପାଇଛି । ସିଧାସଳଖ ଲାଭାଂଶ ହସ୍ତାନ୍ତର ପ୍ରକ୍ରିୟା, ଅର୍ଥନୈତିକ ପ୍ରଗତିକୁ ତ୍ୱରାନ୍ୱିତ କରିଛି ବୋଲି ସେ କହିଛନ୍ତି ।

ଏନ୍.ସି.ପି.ର ପ୍ରଫୁଲ ପଟେଲ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ଖୁବ୍ ଶୀଘ୍ର ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବ । ସୁଦୃଢ଼ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଦେଶ ଉଲ୍ଲେଖନୀୟ ଅଗ୍ରଗତି କରିଛି ବୋଲି ସେ କହିଛନ୍ତି ।

ଅନ୍ୟମାନଙ୍କ ମଧ୍ୟରେ ସ୍ୱାଧୀନ ସଦସ୍ୟ କପିଲ ଶିବଲ, କଂଗ୍ରେସର ଚନ୍ଦ୍ରକାନ୍ତ ହାଣ୍ଡୋର, ତୃଣମୂଳ କଂଗ୍ରେସର ଡୋଲା ସେନ୍, ସମାଜବାଦୀ ପାର୍ଟି ସଦସ୍ୟ ଜୟା ବଚନ, ମନୋନୀତ ସାଂସଦ ସୁଧା ମୂର୍ତ୍ତି, ସି.ପି.ଆଇ.ଏମ୍. ସଦସ୍ୟ ଜନ୍ ବ୍ରିଟାସ୍, ଏନ୍.ସି.ପି.(ଏସ୍.ପି.) ସଦସ୍ୟ ଫୌଜିଆ ଖାନ୍, ଆପ୍ ସଦସ୍ୟ ରାଘବ ଚଡ୍ଢା ଆଲୋଚନା ଅଂଶଗ୍ରହଣ କରିଥିଲେ ।

ଏହି ଆଲୋଚନା ଆସନ୍ତାକାଲି ମଧ୍ୟ ଜାରି ରହିବ । ସନ୍ଥ ରବି ଦାଶ ଜୟନ୍ତୀ ପାଳନ ଅବସରରେ ଆଜି ସଂସଦର ଉଭୟ ଗୃହର ଅଧିବେଶନ ବସିବ ନାହିଁ ।

## ଷ୍ଟବଲ୍-ବର୍ଣ୍ଣିଂ

ଶୀତ ଋତୁରେ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଭଳି ଧାନ ଅମଳ ପରେ ଅବଶିଷ୍ଟାଂଶର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିବା ଉପରେ ସଂସଦୀୟ କମିଟି ସୁପାରିଶ କରିଛି । ରାଜ୍ୟସଭାରେ ଗତକାଲି ଉପସ୍ଥାପିତ ହୋଇଥିବା ଏହି ରିପୋର୍ଟରେ ଏ ସଂକ୍ରାନ୍ତ ବ୍ୟବସ୍ଥା ସ୍ଥାପନ

କରିବାକୁ କମିଟି ପରାମର୍ଶ ଦେଇଛି । ଖରିଫ୍ ଅମଳ ଋତୁ ପୂର୍ବରୁ ମୂଲ୍ୟ ସମୀକ୍ଷା କରାଯାଇ ଏ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ଉପରେ କମିଟି ଗୁରୁତ୍ୱ ପ୍ରଦାନ କରିଛି । ପ୍ରତିକୂଳ ପାଣିପାଗ, ବାଣ ଫୁଟାଇବା, ଯାନବାହନ ଧୂଆଁ ଏବଂ ଅନ୍ୟାନ୍ୟ ସ୍ଥାୟୀ ପ୍ରଦୂଷଣ ଉତ୍ସ ଗୁଡ଼ିକ ଦ୍ୱାରା ବାୟୁର ଗୁଣବତ୍ତା ସ୍ତରରେ ବିପଦ୍‌ଜନକ ପରିସ୍ଥିତି ସୃଷ୍ଟି ହେଉଛି । ପଞ୍ଜାବ ଏବଂ ହରିଆଣାରେ ଧାନର ଅବଶିଷ୍ଟାଂଶ ପୋଡ଼ିବା ଘଟଣା ଯୋଗୁଁ ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ବାୟୁ ଗୁଣବତ୍ତା ସ୍ତର ନିମ୍ନଗାମୀ ହେଉଛି ବୋଲି କମିଟି ଏହାର ରିପୋର୍ଟରେ ଉଲ୍ଲେଖ କରିଛି ।

## ମହାକୁମ୍ଭ

ପ୍ରୟାଗରାଜ ମହାକୁମ୍ଭ ମେଳାରେ ଆଜି ମାଘ ପୂର୍ଣ୍ଣିମା ସ୍ନାନ ଚାଲିଛି । କଳ୍ପବାସ ରିତିନୀତି ପାଳନ କରୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ଏହି ସ୍ନାନର ଯଥେଷ୍ଟ ପ୍ରାସଙ୍ଗିକତା ରହିଛି । ପରମ୍ପରା ଅନୁଯାୟୀ ମାଘ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରୟାଗରାଜ ଠାରେ ସଙ୍ଗମ କୂଳରେ କଳ୍ପବାସ ରିତିନୀତି ପାଳନ କରିବା ଦ୍ୱାରା ବହୁବର୍ଷ ତପସ୍ୟାର ଫଳ ମିଳିଥାଏ ବୋଲି ବିଶ୍ୱାସ ରହିଛି । ଚଳିତ ବର୍ଷ ୧୦ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ କଳ୍ପବାସ ନୀତି ପାଳନ କରିଛନ୍ତି । ଆଜିର ସ୍ନାନ ପାଇଁ ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରି କରାଯାଇଛି । ଗତମାସ ୧୩ ତାରିଖରୁ ଆରମ୍ଭ

ହୋଇଥିବା ମହାକୁମ୍ଭ ମେଳାରେ ଏ ପର୍ଯ୍ୟନ୍ତ ୪୬ କୋଟିରୁ ଅଧିକ ଶ୍ରଦ୍ଧାଳୁ ବୁଡ଼ ପକାଇ ସାରିଲେଣି ବୋଲି ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି ।

## ଶାହା-ଜେକେ ମିଟ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସୀମା ସୁରକ୍ଷାକୁ ସୁଦୃଢ଼ କରିବା ସହିତ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର ମାଧ୍ୟମରେ ଅନୁପ୍ରବେଶକୁ ପ୍ରତିହତ କରିବା ଲାଗି ସୀମା ସୁରକ୍ଷା ବଳକୁ ନିର୍ଦ୍ଦେଶ ଦେଇଛନ୍ତି । ନୂଆଦିଲ୍ଲୀ ଠାରେ ଜାମ୍ମୁ କାଶ୍ମୀର ସୁରକ୍ଷା ସ୍ଥିତି ସମୀକ୍ଷା ସଂକ୍ରାନ୍ତ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଶାହା ଆତଙ୍କବାଦର ମୂଳୋତ୍ପାଟନ ପାଇଁ ସମନ୍ୱିତ କାର୍ଯ୍ୟ ଜାରି ରଖିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ସୀମା ସୁରକ୍ଷା ନେଇ ସତର୍କ ରହିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ । ଆତଙ୍କବାଦ କ୍ଷେତ୍ରରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିବା ଲକ୍ଷ୍ୟରେ ଦୃଢ଼ ପଦକ୍ଷେପ ନେବାକୁ ଶ୍ରୀ ଶାହା ସୁରକ୍ଷା ସଂସ୍ଥା ଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ, ବେଆଇନ୍ ନିଶା କାରବାର ଆଦି ମାମଲା ଉପରେ ତୀକ୍ଷ୍ଣ ନଜର ରଖିବାକୁ ସେ ପରାମର୍ଶ ଦେଇଛନ୍ତି ।

## ଆଇଆଇଏଏସ୍

ନୂଆଦିଲ୍ଲୀ ଠାରେ ଗତକାଲି **IIAS-DARPG** ଭାରତ ସମ୍ମିଳନୀ ୨୦୨୫ ଗତକାଲି ଠାରୁ ଆରମ୍ଭ ହୋଇଛି । କାର୍ମିକ ଜନଅଭିଯୋଗ ଓ ପେନ୍‌ସନ୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଏହାକୁ ଉଦ୍‌ଘାଟନ କରିଛନ୍ତି । ପ୍ରଥମଥର ପାଇଁ ଭାରତରେ ଏହି ସମ୍ମିଳନୀ ଆୟୋଜିତ ହୋଇଛି । ଦେଶର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଆଲୋକପାତ କରି ମନ୍ତ୍ରୀ ଡକ୍ଟର ସିଂହ ସ୍ୱଚ୍ଛ ପ୍ରଶାସନ ଏବଂ ଅର୍ଥନୈତିକ ବିକାଶ ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ନିଆଯାଇଥିବା ସଂସ୍କାର ମୂଳକ ପଦକ୍ଷେପ ଗୁଡ଼ିକ ଉପରେ ସୂଚନା ଦେଇଥିଲେ । ଚଳିତ ବର୍ଷ ସମ୍ମିଳନୀର ବିଷୟବସ୍ତୁ ରହିଛି – "ପରବର୍ତ୍ତୀ ପିଢ଼ିର ପ୍ରଶାସନିକ ସଂସ୍କାର ଏବଂ ଉତ୍କର୍ଷତା ହାସଲ" ।

## ସିବିଡିଟି–ଟ୍ୟାକ୍ସ କଲେକ୍‌ସନ

ଦେଶରେ ଚଳିତ ବର୍ଷ ମୋଟ୍ ପ୍ରତ୍ୟକ୍ଷ ଟିକସ ଆଦାୟ  ୧୭ ଲକ୍ଷ ୭୮ ହଜାର କୋଟି ଟଙ୍କାରେ ପହଞ୍ଚିଛି । କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ୍ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତ ଆର୍ଥିକ ବର୍ଷ ତୁଳନାରେ ପ୍ରତ୍ୟକ୍ଷ ଟିକସ ଆଦାୟ ୧୯ ପ୍ରତିଶତରୁ ଅଧିକ ହୋଇଛି । ବ୍ୟକ୍ତିଗତ କ୍ଷେତ୍ରରେ ୯ଲକ୍ଷ ୪୭ ହଜାର କୋଟି ଟଙ୍କାରୁ ଅଧିକ ଏବଂ କର୍ପୋରେଟ୍ ଟିକସ

ବାବଦରେ ୭ଲକ୍ଷ ୭୮ ହଜାର କୋଟି ଟଙ୍କା ଆଦାୟ ହୋଇଥିବା ସି.ବି.ଡି.ଟି. ବୋର୍ଡ ସୂଚନା ଦେଇଛି ।

## କ୍ରିକେଟ୍

ଭାରତ-ଇଂଲଣ୍ଡ ଚଳିତ ୩ ଟିକିଆ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଆଜି ଅହମ୍ମଦାବାଦ ଠାରେ ଖେଳାଯିବ । ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍ ଠାରେ ଏହି ମ୍ୟାଚ୍ ଅପରାହ୍ଣ ସାଢ଼େ ଗୋଟାଏରେ ଆରମ୍ଭ ହେବ । ପୂର୍ବ ଦୁଇଟିଯାକ ମ୍ୟାଚ୍‌କୁ ଜିତି ଭାରତ ୨-୦ରେ ସିରିଜ୍‌କୁ ଅକ୍ତିଆର କରିସାରିଛି ।

## ବୁମ୍‌ରା

ଭାରତୀୟ କ୍ରିକେଟ୍ ଦଳର ତାରକା ବୋଲର ଯଶପ୍ରୀତ ବୁମ୍‌ରା ଚାମ୍ପିୟନ୍ସ ଟ୍ରଫି ପ୍ରତିଯୋଗିତା ଖେଳିବେ ନାହିଁ । ପିଠି ଆଘାତରୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇନଥିବାରୁ ଜାତୀୟ ମନୋନୟନ କମିଟି ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ବି.ସି.ସି.ଆଇ. ପକ୍ଷରୁ ଗତ ସନ୍ଧ୍ୟାରେ ଦିଆଯାଇଥିବା ସୂଚନା ଅନୁଯାୟୀ ବୁମ୍‌ରାଙ୍କ ସ୍ଥାନରେ ହର୍ଷିତ ରାଣାଙ୍କୁ ଦଳରେ ସାମିଲ କରାଯାଇଛି । ଇଂଲଣ୍ଡ ବିପକ୍ଷ ଚଳିତ ଦିନିକିଆ କ୍ରିକେଟ୍ ସିରିଜ୍‌ରେ ହର୍ଷିତ ରାଣା ପ୍ରଥମ ଦୁଇଟି ମ୍ୟାଚ୍‌ରେ ୪ଟି ୱିକେଟ୍ ଅକ୍ତିଆର

କରିଛନ୍ତି । ଦଳରେ ସ୍ପିନ୍ ବୋଲର ବରୁଣ ଚକ୍ରବର୍ତ୍ତୀଙ୍କୁ ମଧ୍ୟ ସାମିଲ କରାଯାଇଛି । ଯଶସ୍ୱୀ ଜୟସ୍ୱାଲ, ମହମ୍ମଦ ସିରାଜ୍ ଏବଂ ଶିବମ ଦୁବେଙ୍କୁ ବିକଳ୍ପ ଭାବେ ଦଳରେ ସ୍ଥାନ ମିଳିଛି । ଆବଶ୍ୟକ ସ୍ଥଳେ ସେମାନେ ଦୁବାଇ ଗସ୍ତ କରିବେ । ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଆସନ୍ତା ୨୦ ତାରିଖରୁ ବାଂଲାଦେଶ ବିପକ୍ଷରେ ଚମ୍ପିୟାନ୍ସ ଟ୍ରଫି ପ୍ରତିଯୋଗିତା ଅଭିଯାନ ଆରମ୍ଭ କରିବ । ୨୩ ତାରିଖରେ ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ଖେଳିବ । ଗ୍ରୁପ୍-ଏ ପର୍ଯ୍ୟାୟର ଶେଷ ଲିଗ୍ ମ୍ୟାଚ୍ ଭାରତ ନ୍ୟୁଜିଲାଣ୍ଡ ବିପକ୍ଷରେ ମାର୍ଚ୍ଚ ୨ ତାରିଖରେ ଖେଳିବ ।

## ଉତ୍ତରାଖଣ୍ଡ-ନ୍ୟାସନାଲ୍ ଗେମ୍ସ

ଉତ୍ତରାଖଣ୍ଡରେ ୩୮ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଜାରି ରହିଛି । ବିଭିନ୍ନ ବର୍ଗରେ ନୂତନ ରେକର୍ଡ ପ୍ରତିଷ୍ଠା ହେଉଛି । ୨୦୦ ମିଟର ଦୌଡ଼ରେ ଓଡ଼ିଶାର ଅନିମେଶ କୁଜୁର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ପଦକ ତାଲିକାରେ ସର୍ଭିସେସ ୫୪ଟି ସ୍ୱର୍ଣ୍ଣ ପଦକ ହାସଲ କରି ଶୀର୍ଷରେ ଥିବା ବେଳେ ୩୯ଟି ସ୍ୱର୍ଣ୍ଣ ସହ ମହାରାଷ୍ଟ୍ର ଦ୍ୱିତୀୟ ସ୍ଥାନରେ ରହିଛି । ଓଡ଼ିଶା ଏ ପର୍ଯ୍ୟନ୍ତ ୧୦ଟି ସ୍ୱର୍ଣ୍ଣ, ୧୨ଟି ରୌପ୍ୟ ଏବଂ ୧୩ଟି ବ୍ରୋଞ୍ଜ ପଦକ ହାସଲ କରି ତାଲିକାର ଚତୁର୍ଦ୍ଦଶ ସ୍ଥାନରେ ରହିଛି ।